ସମ୍ବାଦ

# ନେତାଜୀ ସିଟି କଲେଜରେ ଫକିରମୋହନଙ୍କ ଜୟନ୍ତୀ



କଟକ,୧୯।୧(ଇମିସ): ରାଜାବାଗିଚା ସ୍ଥିତ ନେତାଜୀ ସୁଭାଷ ସ୍ମାରକୀ ସିଟି କଲେଜର ଓଡ଼ିଆ ଭାଷା ଓ ସାହିତ୍ୟ ବିଭାଗ ତରଫରୁ ୧୮୩ତମ ଫକିରମୋହନ ଜୟନ୍ତୀ ପାଳିତ ହୋଇଯାଇଛି। ଅଧ୍ୟକ୍ଷା ଡକ୍ଟର ରୀନା ଘଡେଇ ଉତ୍ସବକୁ ଉଦ୍‌ଘାଟନ କରିଥିବା ବେଳେ ବିଭାଗ ମୁଖ୍ୟ ଡକ୍ଟର ରେଖା ପଣ୍ଡା ପରିଚାଳନା କରିଥିଲେ। ବିଭାଗର ଅଧ୍ୟାପିକା ଡକ୍ଟର ପ୍ରତିପ୍ରଭା ସାଏନ୍ତ, ଡକ୍ଟର ନିବେଦିତା ରାଉତ, ପ୍ରଜ୍ଞା ପ୍ରଣତି ସିଂହ, ଅଧ୍ୟାପକ ପ୍ରକାଶ କୁମାର ପଟ୍ଟନାୟକ, ଶାନ୍ତନୁ ପଣ୍ଡା ପ୍ରମୁଖ ଯୋଗଦେଇ ଫକୀରମୋହନଙ୍କ ସ୍ମୃତି ଚାରଣ କରିଥିଲେ। ଅଧ୍ୟାପିକା ଯାଜ୍ଞସେନୀ ଦାସ ଫକୀରମୋହନଙ୍କ ଜୀବନୀ ସମ୍ପର୍କିତ କବିତା ପାଠ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ, ଅଧ୍ୟାପିକା ଅଜନ୍ତା ଦାସ, ଡକ୍ଟର ତୃପ୍ତିମୟୀ ପଦ୍ମଶ୍ରୀ ପ୍ରଧାନ, ଡକ୍ଟର ମହାନ୍ତି, ଡକ୍ଟର ହରିଶ ଚନ୍ଦ୍ର ବେହେରା, ଅନନ୍ୟା ଅସ୍ମିତା, ଅନୁସ୍ମିତା ରାୟ, ସୁଚିସ୍ମିତା ରାୟ, ଶୁଭଶ୍ରୀ ସେନାପତି, ସ୍ୱୟଂପ୍ରଭା ସ୍ୱାଇଁ, ଅନିସା ନାୟକ ଓ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ।